# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 02nd February - 2026

***********************************

*BBSR/R*

## ରାଷ୍ଟ୍ରପତି – ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତି ଆସନ୍ତାକାଲି ବାଲେଶ୍ୱର ଫକିରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନବନିର୍ମିତ ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିବେ । ଆସନ୍ତା ବୁଧବାର ଭଞ୍ଜବୀର ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀମତୀ ମୁର୍ମୁ ସରକାରୀ ଆୟୁର୍ବେଦ ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ଓ.ୟୁ.ଏ.ଟି. କ୍ୟାମ୍ପସ୍, ସହରୀ ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ରାଷ୍ଟ୍ରପତି ଆସନ୍ତା ୬ ତାରିଖ ଶୁକ୍ରବାର ଦିନ ଶିମିଳିପାଳଠାରେ ଆଦିବାସୀ ସମ୍ପ୍ରଦାୟର ମହିଳା ଏବଂ ଯୁବକମାନଙ୍କ ସହ ଭାବ ବିନିମୟ କରିବା ପରେ ଭୁବନେଶ୍ୱରରେ ବ୍ଲାକ୍ ସ୍ୱାନ୍ ସମ୍ମିଟ୍‌ରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

**PIB**

# ରେଳ ବଜେଟ୍

୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍‌ରେ ରେଳବାଇପାଇଁ ୨ ଲକ୍ଷ ୯୩ ହଜାର ୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରେ ନୂତନ ରେଳପଥର ନିର୍ମାଣପାଇଁ ୩୬ ହଜାର ୭୨୧ କୋଟି, ଦୋହରୀକରଣପାଇଁ ୩୭ ହଜାର ୭୫୦ କୋଟି, ରେଳ ଓଭରବ୍ରିଜ ଓ ଅଣ୍ଡରବ୍ରିଜ୍ ପାଇଁ ୮ ହଜାର ୨୨୫ କୋଟି, ବିଦ୍ୟୁତୀକରଣ ପ୍ରକଳ୍ପ ପାଇଁ ୫ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି । ରେଳ ବଜେଟ୍‌ରେ ଓଡ଼ିଶାପାଇଁ ମଧ୍ୟ ସ୍ୱତନ୍ତ୍ର ଘୋଷଣା କରାଯାଇଛି । ଏଥିରେ ଡେଡିକେଟେଡ୍ ଫ୍ରେଟ୍ କରିଡର, ଯାହା ପଶ୍ଚିମବଙ୍ଗର ଦାନକୁନିରୁ ଓଡ଼ିଶା ଦେଇ ସୁରତ୍ ପର୍ଯ୍ୟନ୍ତ ଯିବ । ଖୋର୍ଦ୍ଧାରୋଡ୍-ବଲାଙ୍ଗିର, ତାଳଚେର-ବିମଳାଗଡ଼ ଏବଂ ଜୟପୁର-ମାଲକାନଗିରି ଭଳି ଗୁରୁତ୍ୱପୂର୍ଣ୍ଣ ରେଳପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବଜେଟ୍‌ରେ ଅନୁଦାନ ଦିଆଯାଇଛି । ବିକଶିତ ଭାରତ ଗଠନର ଲକ୍ଷ୍ୟ ନେଇ ଚଳିତ ବଜେଟ୍ ଘୋଷଣା କରାଯାଇଥିବା ଅର୍ଥନୀତି ବିଶେଷଜ୍ଞ ତ୍ରିନାଥ ଲେଙ୍କା କହିଛନ୍ତି ।

***Voice (Trinath Lenka) :.....***

**Desk**

# ବଜେଟ୍‌ରେ ଓଡ଼ିଶା

୨୦୨୬-୨୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାକୁ ବିଭିନ୍ନ ଟିକସରୁ ଅଂଶଧନ ବାବଦରେ ୬୭ ହଜାର ୪୬୦ କୋଟି ଟଙ୍କା

ମିଳିବ ବୋଲି ଜଣାପଡ଼ିଛି । ଗତ ଆର୍ଥିକ ବର୍ଷରେ ଓଡ଼ିଶାକୁ ୬୩ ହଜାର ୭୩ କୋଟି ଟଙ୍କା ମିଳିଥିଲା । ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟକୁ ଆୟକର ଟିକସରୁ ସର୍ବାଧିକ ୨୪ ହଜାର ୭ କୋଟି ଟଙ୍କା ମିଳିବ ।

***Desk***

## ସୁଭଦ୍ରା ଶକ୍ତିମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାୟଗଡ଼ାଠାରେ ସୁଭଦ୍ରା ଶକ୍ତିମେଳାକୁ ଉଦ୍‌ଘାଟନ କରିବେ । ଏଥିସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଥିବା ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲାରେ ଆଜିଠାରୁ ୮ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତିମେଳା ଅନୁଷ୍ଠିତ ହେବ ।

***Dhenkanal/R***

## ଯୋରନ୍ଦା - ମାଘମେଳା

ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ପୀଠର ଉନ୍ନତୀକରଣ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଯୋରନ୍ଦା ମାଘମେଳାରେ ଯୋଗଦେଇ ଶ୍ରୀ ପାତ୍ର କହିଛନ୍ତି, ୨୪୦ କୋଟି ଟଙ୍କା ବ୍ୟୟରେ ମନ୍ଦିର ନିର୍ମାଣ ହେବ । ଆଗାମୀ ଦିନରେ ଢେଙ୍କାନାଳ ଶିଳ୍ପସମୃଦ୍ଧ ଜିଲ୍ଲାଭାବେ ପରିଗଣିତ ହେବ ।

*Bhadrak/R*

# ଶୀତ ମହୋତ୍ସବ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅସୁରାଳିସ୍ଥିତ ସହିଦ୍ ସ୍ମୃତି ଷ୍ଟାଡିୟମ୍‌ରେ ଚାଲିଥିବା ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀମେଳା ଉଦ୍‌ଯାପିତ ହୋଇଯାଇଛି । ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ । ଭଦ୍ରକ ଜିଲ୍ଲାରେ ୨୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶପାଇଁ ଯୋଜନା ରହିଥିବା ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଯ କହିଥିଲେ ।

*Cuttack/R*

# ରାଧାନାଥ ରଥ ଶ୍ରାଦ୍ଧଦିବସ

ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥ ଏକାଧାରାରେ ଜଣେ ମୁକ୍ତିସଂଗ୍ରାମୀ, ବାଗ୍ମୀ, ସାରସ୍ୱତ ସାଧକ, ସାମ୍ବାଦିକ ଏବଂ ନୀତିନିଷ୍ଠ ରାଜନୀତିଜ୍ଞ ଥିଲେ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ସାମ୍ବାଦିକ କଲ୍ୟାଣ ପାଣ୍ଠି ପକ୍ଷରୁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନଠାରେ ଡକ୍ଟର ରଥଙ୍କ ଶ୍ରାଦ୍ଧସଭା ଆୟୋଜିତ ହୋଇଥିଲା ।

*BBSR/R*

# ଓଡ଼ିଶା ପର୍ବ-୨୦୨୬

ରାଜ୍ୟ ସରକାରଙ୍କ ପକ୍ଷରୁ ଆସାମର ଗୁଆହାଟୀଠାରେ ଆୟୋଜିତ ତ୍ରିଦିବସୀୟ ଓଡ଼ିଶା ପର୍ବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଓଡ଼ିଶା ଓ ଉତ୍ତର-ପୂର୍ବ ଭାରତ ମଧ୍ୟରେ ସାଂସ୍କୃତିକ ସମ୍ପର୍କ, ପ୍ରବାସୀ ଓଡ଼ିଆଙ୍କ ସହ ସଂଯୋଗ, ପର୍ଯ୍ୟଟନ ଓ ବ୍ୟାବସାୟିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Malkangiri/R*

# ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ଜନଜାତି ପରମ୍ପରାର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ରାଜ୍ୟ ତଥା ଦେଶବିଦେଶରେ ପରିଚିତ କରିବା ମାଲ୍ୟବନ୍ତ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ନରସିଂହ ମାଡ଼କାମୀ କହିଛନ୍ତି । କାର୍ଯ୍ୟକ୍ରମରେ ଆସାମର ବିହୁ, ରାଜସ୍ଥାନର ଘୁମର ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ।

*Kalahandi/R*

# ପ୍ରଧାନଶିକ୍ଷକ ସମୀକ୍ଷା ବୈଠକ

କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟ ସୁପରିଚାଳନା, ଆକାଂକ୍ଷୀ ପାଠକ୍ରମ, ନୂତନ ପାଠ୍ୟପୁସ୍ତକ, ନୂତନ ଶିକ୍ଷାବର୍ଷର କାର୍ଯ୍ୟଖସଡ଼ା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

*IPR*

# ରଗ୍‌ବୀ ଲିଗ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶା ଦଳ ସବ୍‌ଜୁନିୟର ବାଳିକା, ଜୁନିୟର ବାଳିକା ଏବଂ ସିନିୟର ମହିଳା ବର୍ଗରେ ବିଜୟୀ ହୋଇଛି ।

*****